ଧରିତ୍ରୀ
DHARITRI

October 11-17, 2020 ₹2/-

# ଛୁଟିଦିନ

# ପରିଚ୍ଛନ୍ନ ଗାଁ ବବେଇଯୋଡ଼ା





୩
ପ୍ରଚ୍ଛଦ ପ୍ରସଙ୍ଗ

ମୟୂରଭଞ୍ଜର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବବେଇଯୋଡ଼ା ଗାଁ, ଯାହା ଏବେ ପରିଚ୍ଛନ୍ନ ଗାଁ ଭାବେ ଅନ୍ୟ ଗାଁ ପାଇଁ ଉଦାହରଣ....

ସିନେମା
୫



## ଏମିତି କଲେ ପଢାରେ ଲାଗିବ ମନ



ପିଲାଙ୍କ ଷ୍ଟଡି ରୁମ୍‌ରେ ସବୁଜ ରଙ୍ଗର ପରଦା ଲଗାନ୍ତୁ। ଏହି ରୁମ୍‌ରେ ଭଙ୍ଗା ଖେଳଣା ପଡି ରହିବା ଭଲ ନୁହେଁ। ଏହା ନକାରାତ୍ମକ ଉର୍ଜା ବଢାଇଥାଏ। ଏହାଛଡା ଏହି ରୁମ୍‌ରେ ଭୁଲ୍‌ରେ ବି ବନ୍ଦ ହୋଇଯାଇଥିବା ଘଣ୍ଟା ରଖନ୍ତୁ ନାହିଁ। ଷ୍ଟଡି ରୁମ୍ ସହ ଷ୍ଟଡି ଟେବୁଲ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଜରୁରୀ। ଟେବୁଲ୍‌କୁ ସଫା ରଖନ୍ତୁ। ଅନାବଶ୍ୟକ ସାମଗ୍ରୀ ଆଦୌ ରଖନ୍ତୁ ନାହିଁ। ଏହାଦ୍ୱାରା ନକାରାତ୍ମକ ଉର୍ଜା ବଢେ ଏବଂ ପଢାରେ ମନ ଲାଗି ନ ଥାଏ। ଟେବୁଲରେ କ୍ରିଷ୍ଟାଲ୍‌ର ଜିନିଷ, ଏଜୁକେସନ୍ ଟାୱାର, କାଚର ହନୁମାନ କିମ୍ବା ଗଣେଶ ମୂର୍ତ୍ତି, ପିରାମିଡ ଓ ପ୍ରିଜମ୍ ରଖିପାରିବେ। ବାସ୍ତୁଶାସ୍ତ୍ର ଅନୁସାରେ ପଢାଘରେ ସକାରାତ୍ମକ ଉର୍ଜା ପାଇଁ ପଢାରୁମ୍‌ର ଦକ୍ଷିଣ-ପୂର୍ବ ଦିଗରେ ମନିପ୍ଲାଣ୍ଟ ଲଗାନ୍ତୁ। ଉତ୍ତର-ପୂର୍ବ ଦିଗରେ ଫିଶ୍ ଆକ୍ୱାରିୟମ୍ ରଖିପାରିବେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧୧-୧୭**

**ମେଷ**



ସ୍ଥିରିକୃତ ଯୋଜନାରମ୍ଭ, ବକେୟା ଅର୍ଥ, ସାମାଜିକ ସମ୍ମାନ, ସ୍ୱାସ୍ଥ୍ୟ ସମସ୍ୟା, ଅପରିଣାମଦର୍ଶିତା, ଭୂଲ୍ ନିଷ୍ପତି, ଅଶାନ୍ତ ବାତାବରଣ, ସଭାସମିତିକୁ ଅହ୍ୱାନ, ନୂତନ ସ୍ଥାନ ପରିଦର୍ଶନର ଅଭିଳାଷ ପୂରଣ ॥

**ବୃଷ**



ଶୃଙ୍ଖଳିତ ଜୀବନଚର୍ଯ୍ୟା, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସାଧନା, ସାମ୍ବାଦିକତାରୁ ଗୌରବ, କ୍ରୀଡାରୁ ସମ୍ମାନ, ବନ୍ଧୁଙ୍କ ଅନାସ୍ଥା ଭାବ, ଅର୍ଥ ସମ୍ପର୍କୀୟ ବିବାଦ, ସନ୍ତାନଙ୍କ କୃତିତ୍ୱ, ବିବାଦରେ ବିଜୟ,ବ୍ୟବସାୟିକ ଉନ୍ନତି ॥

**ମିଥୁନ**



ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ସଦ୍‌ଭାବ, ଉଚ୍ଚ ସମ୍ମାନ, ସାହାଯ୍ୟ ସହଯୋଗ, ଆଦର ଅଭ୍ୟର୍ଥନା, ସାଂଗଠନିକ ଆଲୋଚନା, ଆନୁଷ୍ଠାନିକ କାର୍ଯ୍ୟ, ମର୍ଯ୍ୟାଦାଜନକ ଉନ୍ନତି, ସହକର୍ମୀଙ୍କ ବିରୋଧାଭାଷ, ଆର୍ଥିକ ଅନଟନ ॥

**କର୍କଟ**



ଉନ୍ନତ ଚିନ୍ତା, ନୂତନ କର୍ମାରମ୍ଭ, ପ୍ରତିଯୋଗୀତାରେ ସଫଳତା, ବୁଝାମଣାରେ ଉନ୍ନତି, ବିଦେଶ ଯାତ୍ରାର ସୁଯୋଗ, ଶିଳ୍ପବାଣିଜ୍ୟରେ ଅଗ୍ରଗତି, ପ୍ରତିବନ୍ଧକ ଦୂରହେବ, ଆତ୍ମୀୟଙ୍କ ଅପପ୍ରଚାର ॥

**ସିଂହ**



ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆର୍ଥିକ ସହଯୋଗ, ସମ୍ପର୍କୀୟଙ୍କ ବଦାନ୍ୟତା। ପ୍ରଶାସନିକ ଅସ୍ଥିରତା, ଯାନବାହାନ ମରାମତି, ପାରିବାରିକ ମତାନ୍ତର, ବନ୍ଧୁଙ୍କ ପରାମର୍ଶ ॥

**କନ୍ୟା**



ଜନମଙ୍ଗଳ କାର୍ଯ୍ୟ, ପଡୋଶୀଙ୍କ ସାହାଯ୍ୟ, ଯାତ୍ରାପାଇଁ ପ୍ରସ୍ତୁତି, ନିର୍ମାଣର ପୂର୍ଣ୍ଣତା, ସ୍ତ୍ରୀଙ୍କ ସୁପରାମର୍ଶ, ଆର୍ଥିକ ଅବନ୍ନତି, ପ୍ରତିରୋଧରୁ ଅସ୍ଥିରତା, ପଦୋନ୍ନତିର ସୂଚନା, ଗଠନମୂଳକ ପରାମର୍ଶ ॥

**ତୁଳା**



ଅର୍ଥନୈତିକ ପ୍ରଗତି, ସାମାଜିକ ସ୍ୱୀକୃତି, ଆର୍ଥିକ ଭରଣା। ମାନସିକ ଚାପ, ପରୋକ୍ଷ ଶତ୍ରୁତା, ଅଯଥା ଯୁକ୍ତିତର୍କ, ଅଳସୁଆମିରୁ କର୍ମହାନୀ, ପାରିବାରିକ ଅଶାନ୍ତି, ଯଶସମ୍ମାନ ପ୍ରାପ୍ତି, ପ୍ରକାଶନରେ ବିଳମ୍ବ ॥

**ବିଛା**



ସ୍ଥଗିତ କର୍ମାରମ୍ଭ, ଅଭିଳାଷ ପୂରଣ, ବ୍ୟାଙ୍କଋଣ ପ୍ରାପ୍ତି, ମାଙ୍ଗଳିକ କାର୍ଯ୍ୟର ଆଲୋଚନା, ଶତ୍ରୁ ଦମନ, ବିଦେଶୀ ବନ୍ଧୁଙ୍କ ସାହାଯ୍ୟ, ଶିକ୍ଷାରେ ଉନ୍ନତି, ଆତ୍ମୀୟଙ୍କ ଉଦାରତା, ପରୋକ୍ଷ ଶତ୍ରୁତା, ପରିବହନରେ ସମସ୍ୟା ॥

**ଧନୁ**



ପ୍ରତିକୂଳ ପରିସ୍ଥିତି, ସମ୍ପର୍କ ଯୋଡିବେ, ପ୍ରତିରୋଧର ସାମନା କରିବେ, ସଫଳତା ମିଳିପାରେ, ଭୁଲ୍ ବୁଝାମଣା ଅସ୍ୱସ୍ତିକର ପରିବେଶ, ନବଜାତରୁ ଆନନ୍ଦ, ଗୃହଜମି ଲାଭ, ବାଣିଜ୍ୟର ଅଭିବୃଦ୍ଧି, ବନ୍ଧୁଙ୍କ ଅନାଦର, ପୁରୁଣା ବେମାରୀ ॥

**ମକର**



ସାହସିକ ପଦକ୍ଷେପ, ସ୍ୱଜନଙ୍କ ଅସହଯୋଗ, ବିଷମ ପରିସ୍ଥିତି, ବ୍ୟବସାୟରେ ବ୍ୟସ୍ତତା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ବନ୍ଧୁ ମିଳନ, ପରିବହନରେ ସଂସ୍କାର, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**କୁମ୍ଭ**



ଲକ୍ଷ୍ୟ ହାସଲ, ଯୋଗ ସାଧନାରେ ରୁଚି, ଉତ୍ସବାନୁଷ୍ଠାନକୁ ଆମନ୍ତ୍ରଣ, କ୍ରନିକ ରୋଗରେ ପୀଡା, ସନ୍ଦେହରୁ ମତାନ୍ତର, ଧର୍ମକାର୍ଯ୍ୟରେ ନିଷ୍ଠା, ନୂତନ ପ୍ରକଳ୍ପାରମ୍ଭ, ଧାତୁ ଅଳଙ୍କାର କ୍ରୟ ॥

**ମୀନ**



ମାନସିକ ଚାପ, ପରିଜନଙ୍କ ସହଯୋଗ, କାର୍ଯ୍ୟ ଅଟକିବ ନାହିଁ। କଚେରୀ ମାମଲାରେ ବାଇଦା, ଅପବାଦ ପାଇବେ,ଏଜେନ୍ସିପର ପ୍ରସାର, ଚୁକ୍ତିପତ୍ର ସମ୍ପାଦନ, ଆଇନ ସହାୟତା, ସମୟୋଚିତ ପଦକ୍ଷେପ, ସଜ୍ଜନସମ୍ପର୍କ ॥

# ଅଟକି ଯାଇଛି ବୟସ



ରୁଷୀୟ ଗଣମାଧ୍ୟମରେ ଏବେ ଡେନିସ ଭାସୁରିନ୍ ଜଣେ ବହୁ ପରିଚିତ ନାମ। ସେ ପରିଚୟ ପାଇଛନ୍ତି ତାଙ୍କର ଅବିଶ୍ୱସନୀୟ ଶରୀର ପାଇଁ। ଅର୍ଥାତ୍ ୧୯୮୭ ମସିହାରେ ଜନ୍ମିତ ଡେନିସ୍ ଦେଖିବାକୁ ଜଣେ ୧୨-୧୩ ବର୍ଷର ପୁଅ ଭଳି। ଛୋଟ ପିଲାଙ୍କ ପରି ମୁହଁ, ଶରୀରର ଉଚ୍ଚତା ବି ପିଲାଙ୍କ ଭଳି। ତେଣୁ ତାଙ୍କୁ ଦେଖିଲେ, ଯେକେହି ସ୍କୁଲ ପିଲା ବୋଲି ଭାବନ୍ତି। ପିଲାଦିନେ ଡେନିସ୍ ବହୁତ ଚାଲାକ୍ ଓ ବୁଦ୍ଧିମାନ ଥିଲେ। କିନ୍ତୁ ତାଙ୍କ ମାତା ପିତା ଲକ୍ଷ୍ୟ କରିଥିଲେ ଯେ, ସେ ଅନ୍ୟ ପିଲାଙ୍କଠୁ ବହୁତ ଛୋଟ ଦେଖାଯାଉଥିଲେ। ଏମିତିକି ଗ୍ରାଜୁଏସନ୍ ଫଟୋରେ ବି ସେ ତାଙ୍କ ଯୁବ ସାଙ୍ଗମାନଙ୍କ ଭିତରେ ଏକ ଛୋଟ ପିଲା ପରି ଦେଖାଯାଉଥିଲେ। ଛୋଟ ପିଲାଙ୍କ ପରି ଦେଖା ହେଲେ ହେଁ ବୟସରେ ସେ ଯୁବକ। ତେଣୁ ତାଙ୍କର ଏକ ଗର୍ଲଫେଣ୍ଡ ଅଛି। ତେବେ ଅନେକ ସମୟରେ ସେ ନିଜର ଛୋଟ ପିଲା ପରି ଲୁକ୍ ପାଇଁ ହଇରାଣ ହୋଇଛନ୍ତି। ଆଉ ତାଙ୍କୁ ବୟସର ପ୍ରମାଣ ଦେବାକୁ ପଡିଛି। ଡାକ୍ତରଙ୍କୁ ସେ ନିଜର ଏହି ସମସ୍ୟା ବିଷୟରେ ଜଣାଇଛନ୍ତି। କିନ୍ତୁ ସେମାନେ ଏହାର କୌଣସି ସମାଧାନ କରିପାରି ନାହାନ୍ତି।

## ପାଠକୀୟ

➢ଛୁଟିଦିନର ସେପ୍ଟେମ୍ବର ୨୦- ଅକ୍ଟୋବର ୩ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଆଶାର ଆଲୋକ'ପଠନୀୟ ଓ ଶିକ୍ଷଣୀୟ ହୋଇଛି। କ୍ୟାନ୍ସର ହେତୁ ମଣିଷ ମଣିଷ ଜୀବନ ଦୁର୍ବିସହ ହୁଏ, ଏହା ସତ୍ତ୍ୱେ ରୋଗୀ ଦୃଢ ମନୋବଳ ସହିତ ଉତ୍ତମ ଚିକିତ୍ସା, ସେବା, ସୁଶ୍ରୁଷା,ଭଲ ପାଇବା ପାଇଲେ, ତା'ର ଜୀବନ ବଞ୍ଚାଇବା ସମ୍ଭବ ହେବ। ଉକ୍ତ ପ୍ରଚ୍ଛଦ ପ୍ରସଙ୍ଗରେ ବର୍ଣ୍ଣିତ ଏହି କ୍ୟାନ୍ସର ଫାଇଟର୍‌ଙ୍କ ଜୀବନ କାହାଣୀ ସତରେ ସମସ୍ତଙ୍କ ପାଇଁ ଆଦର୍ଶ। ହାଃ ହାଃ ବେଶ୍ ମଜାଦାର ଥିଲା। କାର୍ଟୁନ୍ କର୍ନର ମନଛୁଆଁ ହୋଇଛି। ସିନେମା ଓ ଲାଇଫ ଷ୍ଟାଇଲ ପୃଷ୍ଠା ମୋର ବହୁତ ପ୍ରିୟ।

*-ନିରଞ୍ଜନ ସାହୁ, ନେତପୁର, ଗୋପ, ପୁରୀ*

➢ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଆଶାର ଆଲୋକ' ବେଶ୍ ପ୍ରେରଣାଦାୟକ ଥିଲା। ପ୍ରଚ୍ଛଦ ପ୍ରସଙ୍ଗରେ ବର୍ଣ୍ଣିତ କ୍ୟାନ୍ସର ଯୋଦ୍ଧାମାନେ ନିଜେ ରୋଗ ସହ ଲଢି ଅନ୍ୟର ବି ସାହାରା ପାଲଟିଛନ୍ତି। ସେମାନଙ୍କ ଜୀବନୀ ମତେ ବେଶ୍ ପ୍ରଭାବିତ କରିଛି। ସୃଜନର ଗପକବିତାଗୁଡିକ ବହୁତ ଭଲ ଲାଗିଲା।

*-ଅମିତ ପଟ୍ଟନାୟକ, କଟକ*

➢ସିନେମା ପୃଷ୍ଠାର 'କାହାଣୀ ଖୋଜୁଛନ୍ତି କରୀନା', 'ନୀରବତା ଅନ୍ତରାଳେ', ଆଦି ବିଷୟ ବହୁତ ଭଲ ଲାଗିଲା। ସୁନିଦ୍ରା ପାଇଁ କ'ଣ କରିବାକୁ ହେବ ପଢି ଅନେକ କଥା ଜାଣିପାରିଲି। ଏହି ଟିପ୍ସ ମୁଁ ଆପଣେଇବାକୁ ଚେଷ୍ଟା କରିବି। ମଡେଲ ମିରର୍‌ରେ ଶାନ୍‌ଭି ବହୁତ ସୁନ୍ଦର ଲାଗୁଥିଲେ। ହାଃ ହାଃ ବେଶ୍ ମଜାଦାର ଥିଲା।

*- ସୌମ୍ୟାଶ୍ରୀ ବେହେରା, ଜଗତସିଂହପୁର*

➢ସୃଜନ ପୃଷ୍ଠାର 'ବାପା' ଗପଟି ବେଶ୍ ମନଛୁଆଁ ଥିଲା। କବିତା ଦୁଇଟି ମଧ୍ୟ ଭଲ ଲାଗିଲା। ବ୍ୟାକ୍‌ପେଜ୍‌ର 'ଏଠି ସବୁକିଛି ଚକୋଲେଟ୍‌ମୟ' ପାଠଟି ଭଲ ଲାଗିଲା। କାର୍ଟୁନ କର୍ନର ବେଶ୍ ହସର ଖୋରାକ ଯୋଗାଉଛି। 'ଚିନ୍ମୟ ଚିନ୍ତନ' ବେଶ୍ ଶିକ୍ଷଣୀୟ ଥିଲା। ରାଶିଫଳ ମୁଁ ଯେମିତି ହେଉ ପଢେ।

*-ସୁରମୟ ସାମନ୍ତରାୟ, କେନ୍ଦୁଝର*

➢ 'ଝିଅ ବାହାଘରେ ସାପ ଯୌତୁକ' ପାଠଟି ପଢି ଆଶ୍ଚର୍ଯ୍ୟ ଲାଗିଲା। ପ୍ରଚ୍ଛଦ ପ୍ରସଙ୍ଗ ବେଶ୍ ଶିକ୍ଷଣୀୟ ଥିଲା। କ୍ୟାନ୍ସର ଯୋଦ୍ଧାଙ୍କ ଜୀବନ କାହାଣୀ ମନକୁ ବେଶ୍ ଛୁଇଁଗଲା। ଚିନ୍ମୟ ଚିନ୍ତନରେ ବର୍ଣ୍ଣିତ ବିଷୟ ଭଲ ଲାଗିଲା। ସିନେମା ପୃଷ୍ଠାର 'ସମୟାନୁବର୍ତ୍ତୀ ଅକ୍ଷୟ' ପାଠଟି ଭଲ ଲାଗିଲା। ହାଃ ହାଃ ପଢି ହସି ହସି ବେଦମ୍ ହୋଇଗଲି।

*-ରଘୁନାଥ ସେନାପତି, ଚୌଦ୍ୱାର, କଟକ*

➢ସିନେମା ପୃଷ୍ଠାରେ ସେଲିବ୍ରିଟି ଗସିପ୍ ବହୁତ ଭଲ ଲାଗିଲା। ମଡେଲ ମିରର୍‌ରେ ଫଟୋଗୁଡିକ ବେଶ୍ ଆକର୍ଷଣୀୟ ଲାଗୁଛି। ସୃଜନପୃଷ୍ଠାର ଗପକବିତା ମନଛୁଆଁ ହେଉଛି। ବ୍ୟାକ୍‌ପେଜ୍‌ର ଚକୋଲେଟ୍ ସଂଗ୍ରହାଳୟ ପାଠଟି ଭଲ ଲାଗିଲା। ପ୍ରଚ୍ଛଦପ୍ରସଙ୍ଗ ବେଶ୍ ମନଛୁଆଁ ଥିଲା।

*-ମାଧବ ସାହୁ, ଚନ୍ଦନପୁର*

## ବିଶେଷ ଚିଠି



ରବିବାର ସକାଳକୁ କରେ ସେ ସୁନ୍ଦର
ସାଥେ ଆଣିଥାଏ କେତେ ନୂଆ ନୂଆ ଖବର।
ସୃଜନ, ସାହିତ୍ୟ ସାଥେ ସିନେମା ଖବର
ପ୍ରଚ୍ଛଦପ୍ରସଙ୍ଗ ସହ କାର୍ଟୁନ କର୍ନର।
କେତେ କଥା କହେ ସିନେମା ଜଗତର
ପୁଣି ଓଠେ ହସ ଭରେ ହସକଥା ଯେ ତୁମର
ସତରେ କେତେ ନିଆରା କେତେ ଆପଣାର
ଧନ୍ୟ ହେ ଧରିତ୍ରୀ ତୁମେ ଆଉ ତୁମ ଛୁଟିଦିନ॥

*-ଦୀନବନ୍ଧୁ ବେହେରା, ବାହାଡଝୋଲ, ନୟାଗଡ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ପରିଚ୍ଛନ୍ନ ଗାଁ ବବେଇଯୋଡ଼ା

**ମୟୂରଭଞ୍ଜର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବବେଇଯୋଡ଼ା ଗାଁ, ଯାହା ଏବେ ପରିଚ୍ଛନ୍ନ ଗାଁ ଭାବେ ଅନ୍ୟ ଗାଁ ପାଇଁ ଉଦାହରଣ....**

ସୌନ୍ଦର୍ଯ୍ୟର ଗନ୍ତାଘର ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲା। ଏହି ଆଦିବାସୀ ବହୁଳ ଜିଲାରେ ରହିଛି ଅନେକ ଗ୍ରାମ ଯେଉଁ ଗ୍ରାମଗୁଡ଼ିକ ନିଜ ନିଜର ପରମ୍ପରା ଓ ସୌନ୍ଦର୍ଯ୍ୟ ନିମନ୍ତେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ସେହିପରି ଏକ ଗ୍ରାମ ହେଉଛି ବବେଇଯୋଡ଼ା। ଏହି ଗାଁ ମାଟି କେତେବେଳେ ପଦ୍ମଶ୍ରୀ ଭଳି ପ୍ରତିଭାକୁ ଜନ୍ମ ଦେଇଛି ତ କେତେବେଳେ ସୃଷ୍ଟିକରିଛି ସଫଳ ଚାଷୀ। ତେବେ ଏହି ଗ୍ରାମ ତା'ର ସ୍ୱଚ୍ଛତା ନିମନ୍ତେ ସାରାରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଶିମିଳିପାଳ ପାଦଦେଶର ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ବିଶୋଇ ବ୍ଲକ ସ୍ଥିତ ଭାତଛତ୍ର ପଞ୍ଚାୟତରେ ଅବସ୍ଥିତ ବବେଇଯୋଡ଼ା ଗ୍ରାମ। ତେବେ, ସ୍ଥାନୀୟ ଅଞ୍ଚଳରେ ଏହି ଗ୍ରାମ 'ବାବଜଲା ଗାଁ' ନାମରେ ଜଣାଶୁଣା। ବିଶୋଇବ୍ଲକର ମୁଖ୍ୟ ଦପ୍ତର ବିଶୋଇଠାରୁ, ବିଶୋଇ – କେନ୍ଦୁଝରକୁ ସଂଯୋଗ କରୁଥିବା ୪୯ ନଂ ଜାତୀୟ ରାଜପଥ ଦେଇ ୧୦ କି.ମି. ଗଲାପରେ ରାଜପଥର ଡ଼ାହାଣ କଡ଼ରେ ପଡେ ବବେଇଯୋଡ଼ା ଛକ। ଛକଠାରୁ ଏହିଗ୍ରାମକୁ ସଂଯୋଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ହୋଇଛି ଏକ ପିଚୁରାସ୍ତା। ଏହି ରାସ୍ତାର ଉଭୟ କଡ଼ରେ ଥିବା ସବୁଜିମା ଧାନ କ୍ଷେତ ଦେଇ ୧ କି.ମି. ଗଲାପରେ ପଡ଼େ ବବେଇଯୋଡ଼ା ଗ୍ରାମ।

**ବିକାଶର ଦୋଛକିରେ ବବେଇଯୋଡ଼ା :** ୮୦ରୁ ଊର୍ଦ୍ଧ୍ୱ ପରିବାର ବିଶିଷ୍ଟ ବବେଇଯୋଡ଼ା ଗ୍ରାମରେ ୪ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସମସ୍ତ ଗ୍ରାମବାସୀ ସାନ୍ତାଳୀ ସମ୍ପ୍ରଦାୟର ଥିବାବେଳେ ସମସ୍ତେ ପ୍ରାୟ ଚାଷ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ତେବେ ଗ୍ରାମକୁ ଉତ୍ତମ ସଡ଼କ ଓ ବିଦ୍ୟୁତ ସଂଯୋଗ ହୋଇଥିଲେ ସୁଦ୍ଧା ଗ୍ରାମକୁ ପାନୀୟଜଳ ଯୋଗାଣରେ ସେପରି କିଛି ବନ୍ଦୋବସ୍ତ ହୋଇନାହିଁ। ଏହି ଗ୍ରାମରେ ୪ ଗୋଟି ନଳକୂପ ଥିବାବେଳେ ସେଥିମଧ୍ୟରୁ ଗୋଟିଏ ନଳକୂପ ଅଚଳ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଗ୍ରାମ ମଧ୍ୟରେ ଏକ ସୋଲାର ଉଠା ଜଳସେଚନ ପ୍ରକଳ୍ପ ହୋଇଥିଲେ ସୁଦ୍ଧା ଗ୍ରାମ୍ୟ ପାଇପ ଜଳଯୋଗାଣ ମିଶନରେ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ଜଳଯୋଗାଣ ହୋଇପାରିନାହିଁ। ଗ୍ରାମବାସୀମାନେ ଚାଷ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ ଚାଷ କାର୍ଯ୍ୟ ନିମନ୍ତେ ପ୍ରଶାସନିକ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବିହୋଇଛି।



**ପରମ୍ପରା ଓ ପର୍ବପର୍ବାଣି :** ଆଦିବାସୀ ପରମ୍ପରା ଅନୁଯାୟୀ ଗ୍ରାମବାସୀମାନଙ୍କର ପାରମ୍ପରିକ ରୀତିନୀତି ପର୍ବପର୍ବାଣି ମଧ୍ୟ ଭିନ୍ନଭିନ୍ନ। ପ୍ରଥମ ପର୍ବ ଅନୁଯାୟୀ ମାଘମାସର ପ୍ରଥମ ଚନ୍ଦ୍ର ଦର୍ଶନରେ ଗ୍ରାମ ପକ୍ଷରୁ ସାନ୍ତାଳୀ ନବବର୍ଷ ପାଳନ କରାଯାଏ। ସେହିପରି ଚୈତ୍ରମାସର ଚନ୍ଦ୍ର ଦର୍ଶନ ଠାରୁ ପଞ୍ଚମ ଦିନ ମଧ୍ୟରେ ଭୁଜନୀ ପର୍ବ ପାଳନ ହୋଇଥାଏ। ଗ୍ରାମର ସୀମା ବାହାରେ ପ୍ରାକୃତିକ ପରିବର୍ତ୍ତନ ସମୟର ପ୍ରଭାବକୁ ଗ୍ରାମ ଭିତରକୁ ପଶିବାକୁ ନ ଦେବା ଏହି ପୂଜାର ଉଦ୍ଦେଶ୍ୟ ଅଟେ ବୋଲି ଗ୍ରାମବାସୀମାନେ କହିଛନ୍ତି। ସେହିପରି ବୈଶାଖମାସର ଏରଃସିମ ପୂଜାହୁଏ ଯେଉଁଥିରେ ଧାନ ମୁଠିକରାଯାଏ। ଜ୍ୟେଷ୍ଠମାସରେ ରାଜାସାଲା, ଆଷାଢ଼ମାସର ଆଷାଳିୟା ପୂଜା, ଶ୍ରାବଣ ପୂର୍ଣ୍ଣିମାରେ ଗହ୍ମାପର୍ବ ଓ ଭାଦ୍ରବମାସରେ ଜାନ୍ତାଳ ପୂଜା (ଜଙ୍ଗଲ ପୂଜା) ହୁଏ। ସେହିପରି ଆଶ୍ୱିନ ମାସରେ ଦଶହରା ଦୁଇଦିନ ପୂର୍ବରୁ ଦାସାଏଁ ନାଚ (ଏକ ଆଦିବାସୀ ନୃତ୍ୟ) ହୁଏ ଏବଂ ଦୀର୍ଘ ୫ ଦିନ ଧରି ଏହି ନାଚ ଗାଁକୁଗାଁ ବୁଲି କରାଯାଏ।

ଏହି ଗ୍ରାମର ସବୁଠୁ ବଡ଼ ପର୍ବ ହେଲା ସହରାୟ ପର୍ବ। ଏହି ପର୍ବ କାଳୀପୂଜା (ଦୀପାବଳି) ଠାରୁ ଆରମ୍ଭ ହୋଇ ଦୀର୍ଘ ୫ ଦିନ ଧରି ଚାଲେ। ପ୍ରଥମ ଦିନରେ ଗୋ ବନ୍ଦାଣହୁଏ। ପର୍ବର ଦ୍ୱିତୀୟ ଦିନରେ ଦାକାମାହା ପାଳନ କରାଯାଏ ଅର୍ଥାତ ଏହି ଦିନ ଗ୍ରାମର ମୁଖିଆମାନେ ଗୋରୁ ଖୁଣ୍ଟେଇଥାନ୍ତି(ଗୋରୁ ବାନ୍ଧିଥାନ୍ତି)। ଏଥିସହିତ ଗ୍ରାମବାସୀମାନଙ୍କ ଦ୍ୱାରା ପାରମ୍ପରିକ ଡ଼ାଣ୍ଟାନୃତ୍ୟ କରାଯାଏ। ସେହିପରି ତୃତୀୟ ଦିନରେ ଆଲାମାହା କରାଯାଏ। ଅର୍ଥାତ ଏହିଦିନ ସମସ୍ତ ଗ୍ରାମବାସୀ ଗୋରୁଖୁଣ୍ଟା କରନ୍ତି। ପର୍ବର ଚତୁର୍ଥ ଦିନରେ ପେଟେ ଜଲାପୁ ଯାଜଲେ ନାଚ ହୁଏ। ଏଥିରେ ଗ୍ରାମବାସୀମାନେ ଘରକୁଘର ବୁଲି ନାଚିବା ସହିତ ପ୍ରତ୍ୟେକ ଘରୁ ଚାଉଳ ଓ ପନିପରିବା ସଂଗ୍ରହ କରନ୍ତି। ଶେଷରେ ପର୍ବର ପଞ୍ଚମ ଦିନରେ ସଂଗ୍ରହ ହୋଇଥିବା ସମସ୍ତ ଚାଉଳ ଓ ପନିପରିବାକୁ ମିଶାଇ ସଳେ (ଖେଚୁଡ଼ି) କରାଯାଏ। ଯାହାକୁ ଯାଜଲେ ସଳେ କୁହାଯାଏ। ଗାଁ ଦାଣ୍ଡରେ ସମସ୍ତ ଗ୍ରାମବସୀ ଏକାଠି ବସି ଏହି ଖେଚୁଡ଼ିକୁ ସେବନ କରନ୍ତି।

→









**ସଫଳକୃଷି ଦମ୍ପତି :** ଏହି ଗ୍ରାମର ସଫଳ ଚାଷୀ କାର୍ତ୍ତିକଚନ୍ଦ୍ର ହାଁସଦା ନିଜଗ୍ରାମ ପାଇଁ ଗର୍ବ ଆଣିଦେଇଛନ୍ତି। ସ୍ୱର୍ଗତ ଘାଉଲେ ହାଁସଦାଙ୍କ ପୁତ୍ରକାର୍ତ୍ତିକ ସମାଜସେବା ଓ କୃଷିକାର୍ଯ୍ୟକୁ ନିଜର ବୃତ୍ତି ଭାବରେ ଗ୍ରହଣକରି ସଫଳତା ସାଉଁଟି ପାରିଛନ୍ତି। ଗ୍ରାଜୁଏସନ୍ ପରେ ୨୦୦୭-୨୦୧୪ ମସିହା ପର୍ଯ୍ୟନ୍ତ କାର୍ତ୍ତିକ ଏ.ଆଇ.ଡି. ସଂସ୍ଥା ତରଫରୁ କମ୍ୟୁନିଟି ରେଡ଼ିଓର ସଙ୍ଗଠକ ଭାବରେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ଚାଷକୁ ନିଜର ବୃତ୍ତି ଭାବରେ ଗ୍ରହଣକରି ୨୦୧୫ ମସିହାରୁ ନିଜର ସାଢ଼େ ୩ ଏକର ସମେତ ଗ୍ରାମରେ ଥିବା ଉଜୁଡା ଜମି ଓ ଅନ୍ୟର ୧୦ ଏକର ଜମିକୁ ଲିଜରେ ନେଇ ଚାଷ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୨୦୧୭ ମସିହାଠାରୁ ଆଧୁନିକ ଜ୍ଞାନ କୌଶଳରେ କଦଳୀ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହିତ ଅପୂର୍ବ ସଫଳତା ପାଇଥିଲେ। ଏଥିରେ ସେ ୮ ଜଣ ଶ୍ରମିକଙ୍କୁ ରୋଜଗାର ଦେଇପାରିଛନ୍ତି। ତାଙ୍କର ଚାଷ କାର୍ଯ୍ୟର ସଫଳତା ପଛରେ ନିଜର ଧର୍ମପତ୍ନୀ ପାର୍ବତୀ ହେମ୍ବ୍ରମ ସହଯୋଗ କରିଥାନ୍ତି। ପାର୍ବତୀ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରେ ଇତିହାସ ବିଭାଗରେ ପି.ଜି ପାଠ୍ୟକ୍ରମ ସମାପ୍ତ କରିଥିଲେ ସୁଦ୍ଧା ସେ କୃଷିକାର୍ଯ୍ୟରେ ନିଜ ସ୍ୱାମୀ କାର୍ତ୍ତିକଙ୍କୁ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥାନ୍ତି। ଏହି ସଫଳତା ପାଇଁ କାର୍ତ୍ତିକ ୨୦୧୭ – ୧୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ କୃଷି ମହୋତ୍ସବରେ କୃତୀ କୃଷକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେହିପରି ଉଦ୍ୟାନ କୃଷି ବିଭାଗର ଏଗ୍ରିକଲଚର୍ ଟେକ୍‌ନୋଲୋଜି ମ୍ୟାନେଜମେଣ୍ଟ ଏଜେନ୍ସି (ଆତ୍ମା), ମୟୂରଭଞ୍ଜ ପକ୍ଷରୁ ଉତ୍ତମ କୃଷି ଓ ୨୦୧୯ ମସିହାରେ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ନିମନ୍ତେ ଓଡିଶା ସରକାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରମାଣପତ୍ର ପାଇଛନ୍ତି।

**ପାତାପର୍ବ ଓ ସ୍ୱଚ୍ଛତା :** ଏହିଗ୍ରାମର ଅନ୍ୟ ଏକ ବିଶେଷତ୍ୱ ହେଲା 'ପାତା' ପର୍ବ। ଶିବରାତ୍ରି (ଜାଗର)ର ଗୋଟିଏ ଦିନ ପରେ ଏହି ପର୍ବ ଆରମ୍ଭ ହୋଇ ୩ ଦିନ ଧରି ଚାଲିଥାଏ। ପ୍ରାୟ ଗୋଟିଏ ପିଢ଼ି ପୂର୍ବରୁ ଏଠାରେ ପାତା ପର୍ବ ଆରମ୍ଭ କରାଯାଇଥିଲା। ଏହି ୩ ଦିନିଆ ଉତ୍ସବ ଆୟୋଜନ ଅବସରରେ ଗାଁର ଶତାଧିକ ଘରର ମାଟିକାନ୍ଥ କଳାର ଯାଦୁକରି ସ୍ପର୍ଶରେ ଅନନ୍ୟ ଦେଖାଯାଏ। ଆଗରୁ ସାନ୍ତାଳୀ ସମ୍ପ୍ରଦାୟରେ ଘର ରଙ୍ଗ କରିବାର ପ୍ରଥା ଥିଲା। ତେବେ ପାତାପର୍ବ ଜରିଆରେ ଏଥିରେ କିଛି ଆଧୁନିକୀକରଣ କରାଯାଇଥିଲା। ଆଦିବାସୀ ମହିଳାଙ୍କ ମଧ୍ୟରେ ରଙ୍ଗ ଦେବାର ପ୍ରତିଯୋଗିତା କରାଗଲା। ଏହି ପ୍ରତିଯୋଗିତା ମନୋଭାବ ଯୋଗୁ ମହିଳାମାନଙ୍କ ମଧ୍ୟରେ କଳାକୃତି କାରିଗରୀର ଦକ୍ଷତା ଦୁଇଗୁଣ ବଢ଼ିଥିଲା। ଫଳରେ ଆଦିବାସୀ ରମଣୀଙ୍କ ଅଙ୍ଗୁଳି ସ୍ପର୍ଶରେ ଗାଁ ହୋଇଉଠେ ଲାବଣ୍ୟମୟ। ତେବେ 'ପାତାପର୍ବ'ର ଏକ ବିଶେଷତା ହେଲା ସ୍ୱଚ୍ଛତା। ଏହି ପର୍ବ ଉପଲକ୍ଷେ ଗାଁ ଦାଣ୍ଡକୁ ପରିଷ୍କାର କରାଯିବା ସହିତ ଅଳିଆ ଆବର୍ଜନାକୁ ପକାଇବା ପାଇଁ ଦାଣ୍ଡରେ ଡ଼ଷ୍ଟବିନ ରଖାଯାଇଥାଏ। ଏହି ସ୍ୱଚ୍ଛତାକୁ ଦେଖିବା ପାଇଁ ଗ୍ରାମକୁ ହଜାର ହଜାର ଲୋକଙ୍କ ସୁଅ ଛୁଟିଥାଏ। ଏହି ଅବସରରେ ଗ୍ରାମର ଭଞ୍ଜ ଇପିଲ ରାନାକାବ୍ ମାଡ଼ୱା କ୍ଲବ ଆନୁକୂଲ୍ୟରେ ପାତା ନାଚ ଓ ସାନ୍ତାଳୀ ଡ୍ରାମା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଡ଼ାବୁଲ ନୃତ୍ୟରେ ଆଦିବାସୀ ଭାଇଭଉଣୀମାନେ ନିଜର ପାରମ୍ପରିକ ପୋଷାକ ପରିଧାନ କରି ହାତକୁହାତ ଛନ୍ଦି ମାଦଳ ବାଜାର ତାଳେତାଳେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥାନ୍ତି। ଏହାକୁ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ଼ ଜମିଥାଏ। ଏହି ଉତ୍ସବର ପରିଚାଳନା ନିମନ୍ତେ କ୍ଲବର ସଭାପତି ଚନ୍ଦନ ହାଁସଦା ସମେତ କାର୍ତ୍ତିକଚନ୍ଦ୍ର ହାଁସଦା, ସଦାନନ୍ଦ ଟୁଡୁ, ସୁନ୍ଦରମୋହନ ବେଶ୍ରା, ଭୀମସେନ କିସ୍କୁ, ଅମରସିଂ ହେମ୍ବ୍ରମ, ଉପେନ୍ଦ୍ର ହାଁସଦା, ବାରଷା ହାଁସଦା, ବୁଧରାୟ ଟୁଡୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣକରନ୍ତି। ସେହିପରି ଏହି ଗ୍ରାମରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ବଳାତ୍କାର କିମ୍ବା ହତ୍ୟା ଜନିତ ଅପରାଧ ଘଟି ନଥିବା ବେଳେ ଗ୍ରାମରେ କିଛି କଳି ଝଗଡ଼ା ହେଲେ ଗ୍ରାମର ପାରମ୍ପରିକ ମୁଖିଆ ମାଝିବାବାଙ୍କ ତତ୍ତ୍ୱାବଧାନରେ ସମାଧାନ ହୋଇଥାଏ। ସେହିପରି ୪୦ବର୍ଷ ପୂର୍ବରୁ ସ୍ୱର୍ଗତ ଫାଗୁରାମ୍ ମୁର୍ମୁଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଘରକୁଘର ବୁଲି ନିଶା ନିବାରଣ ପାଇଁ ସଚେତନତା ସୃଷ୍ଟି କରୁଥିଲେ। ଏଥି ସହିତ ଗ୍ରାମ ନିକଟରେ କରାଯାଉଥିବା ହାଟରେ ନିଶାଦ୍ରବ୍ୟ ବିକ୍ରୟକୁ ବିରୋଧ କରୁଥିଲେ। ସେହିପରି ଗ୍ରାମରେ ଭ ଇପିଲ ରାନାକାବ ମାଡ଼ୱା ଯୁବକ ସଙ୍ଘ ପକ୍ଷରୁ ବର୍ଷରେ ଥରେ ଗ୍ରାମରେ ହେଲଥ୍ କ୍ୟାମ୍ପ କରାଯାଏ। କେବଳ ପାତା ପର୍ବ ନୁହେଁ ବର୍ଷ ତମାମ ଏହି ଗାଁର ଲୋକେ ସ୍ୱଚ୍ଛତା ପ୍ରତି ଧ୍ୟାନ ଦିଅନ୍ତି।

**-ଇଂ ଅମିତ କୁମାର ଦାସ**
**ବିଶୋଇ, ମୟୂରଭଞ୍ଜ**

## ଗାଁ ମାଟି ଜନ୍ମଦେଇଛି ପଦ୍ମଶ୍ରୀ ପ୍ରତିଭା



ବିବେଇଯୋଡ଼ା ଗ୍ରାମରେ ଜନ୍ମ ନେଇଛନ୍ତି ପଦ୍ମଶ୍ରୀ ସମ୍ମାନିତ ସାନ୍ତାଳୀ ସାହିତ୍ୟର କୃତବିଦ୍ୟ ସ୍ରଷ୍ଟା ତଥା ବର୍ତ୍ତମାନ ସମୟର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ଼. ଦମୟନ୍ତୀ ବେଶ୍ରା। ଡ଼ା. ବେଶ୍ରାଙ୍କ ପିଲାବେଳୁ ପାଠ ପଢା ପ୍ରତି ଥିଲା ଆଗ୍ରହ। ମାତ୍ର ଦୁଃଖର ବିଷୟ ସେ ସମୟରେ ତାଙ୍କ ଗ୍ରାମ ବିବେଇଯୋଡାରେ କୌଣସି ବିଦ୍ୟାଳୟ ନଥିଲା। ପୁଣି ପୁଅ ଝିଅଙ୍କ ମଧ୍ୟରେ ଭେଦଭାବ ମନୋଭାବ ଯୋଗୁ କେବଳ ପୁଅ ପିଲାମାନଙ୍କୁ ପାଠ ପଢିବା ପାଇଁ ସୁଯୋଗ ଦିଆଯାଉଥିଲା। ମାତ୍ର ଏତିକିରେ ହାର ନମାନି ପାଠପଢା ପ୍ରତି ଆଗ୍ରହ ଜନ୍ମାଇ ସେ ପୁଅମାନଙ୍କ ଗହଣରେ ପାଠ ପଢା ଆରମ୍ଭ କରିଥିଲେ। ପାଠ ପଢାଇବା ପାଇଁ ପ୍ରେରଣା ଯୋଗାଇଥିଲେ ନିଜ ବାପାମା'। ପରବର୍ତ୍ତୀ ସମୟରେ ସେ ବିଶୋଇ ବ୍ଲକର ପଡ଼ୋଶୀ ବ୍ଲକ କୁସୁମୀ ବ୍ଲକରେ ଥିବା ନିଜ ବଡବାପା ଘରେ ରହି ପାଠପଢା ଆରମ୍ଭ କରିଥିଲେ। ସେ ରାଇରଙ୍ଗପୁର ନିକଟରେ ଥିବା ଏକ ଆଶ୍ରମ ସ୍କୁଲରେ ମାଟ୍ରିକ ଯାଏ ପାଠ ପଢିଥିଲେ। ପରେ ରମାଦେବୀ ମହିଳା ମହାବିଦ୍ୟାଳୟରେ ସ୍ନାତକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରେ ସ୍ନାତକୋତ୍ତର କରିଥିଲେ। ପାଠପଢ଼ା ପରେ ବାରିପଦା ସ୍ଥିତ ଏମପିସି ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପିକା ଭାବରେ ଯୋଗଦେଇଥିଲେ। ପରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟରୁ 'ସାନ୍ତାଳ – ଏକ ସାମାଜିକ ସାଂସ୍କୃତିକ ଅଧ୍ୟୟନ' ବିଷୟକୁ ନେଇ ପିଏଚଡି ସମାପ୍ତ କରିଥିଲେ। ତେବେ ଡ଼ା. ବେଶ୍ରାଙ୍କର ସଫଳତାର କାହାଣୀ ଏତିକିରେ ସମାପ୍ତ ହୋଇନଥିଲା। ପିଲାବେଳରୁ ଲେଖାଲେଖି ପ୍ରତି ଆଗ୍ରହ ଥିଲେ ସୁଦ୍ଧା ବିଶେଷ ସୁଯୋଗ ପାଇପାରୁ ନଥିଲେ। ମାତ୍ର ନିଜ ବଡବାପା ଜନଜାତି ନାଟକ କରୁଥିବା ଦେଖିଦେଖି ଭାଷାସାହିତ୍ୟ ପ୍ରତି ମନ ବଳିଥିଲା। ନବମଶ୍ରେଣୀରୁ ସେ ଲେଖାଲେଖି ଆରମ୍ଭ କରିଥିଲେ। ତେବେ ୧୯୮୭ ମସିହାରେ ବିଶୋଇ ବ୍ଲକରୁ ପ୍ରକାଶିତ ଫାଗୁନ ପତ୍ରିକାରେ ତାଙ୍କର ପ୍ରଥମ ଲେଖା ପ୍ରକାଶ ପାଇଥିଲା। ତେବେ ବର୍ତ୍ତମାନ ଉଭୟ ଓଡ଼ିଆ ଓ ସାନ୍ତାଳୀ ଭାଷାରେ ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ରହିଛି। କବିତା ସଂକଳନ ସାଏ ସାହେଦ ପାଇଁ ୨୦୦୯ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ସେତିକି ନୁହେଁ, ତାଙ୍କର ଭାଷା ପ୍ରତି ଏହି ମମତା ଓ ଭଲପାଇବା ପାଇଁ ଡା. ଦମୟନ୍ତୀ ବେଶ୍ରା ପଦ୍ମଶ୍ରୀ ସମ୍ମାନ ପାଇଁ ବିବେଚିତ ହୋଇଛନ୍ତି।







ବବି ଦେଓଲ

# ଘାରିଛି ୱେବ୍ ସିରିଜ ନିଶା

ବବି ଦେଓଲଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ବରସାତ୍' (୧୯୯୫) ଚଳଚ୍ଚିତ୍ରରୁ। ଏଥିରେ ତାଙ୍କର ନାୟିକା ସାଜିଥିଲେ ଟ୍ୱିଙ୍କିଲ ଖାନ୍ନା। ଫିଲ୍ମଟିକୁ ମଧ୍ୟ ଆଶାନୁରୂପ ସଫଳତା ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ବେଶ୍ କେତୋଟି ସିନେମାର ନାୟକ ସାଜିଥିଲେ ମଧ୍ୟ ହିନ୍ଦୀ ସିନେମାର ନାୟକ ଦୌଡରେ ନିଜକୁ ସାମିଲ କରିପାରି ନ ଥିଲେ। ଚଳିତବର୍ଷ ସେ ତାଙ୍କର ବଲିଉଡ୍ ଏଣ୍ଟ୍ରିର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି। ଚଳିତ ବର୍ଷଠାରୁ ବବି ୱେବ ସିରିଜ ଦୁନିଆରେ ପାଦ ଦେଇଛନ୍ତି। ୱେବ୍ ସିରିଜ୍ 'ଆଶ୍ରମ'ରେ ସେ 'ବାବା ନିରାଲା' ଭୂମିକାରେ ଅଭିନୟ କରୁଛନ୍ତି। ଏ ବିଷୟରେ ବବି କହନ୍ତି, 'ଡିଜିଟାଲ ପ୍ଲାଟଫର୍ମରେ ଅଭିନୟ କରିବା ମୋର ଆଶା ଥିଲା। ବିଶେଷଭାବରେ ୱେବ ସିରିଜ 'ଆଶ୍ରମ' ମୋତେ ବେଶ୍ ସଫଳତା ଦେଇଛି। ବଲିଉଡରେ ଘଟିଥିବା ସଫଳତା-ବିଫଳତାକୁ ଆଉ ହିସାବ କରି କିଛି ଲାଭ ନାହିଁ। ବର୍ତ୍ତମାନ ୱେବ୍ ସିରିଜ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେଉଛି।' ଦେଖାଯାଉ, ସେ ଏଥିରେ କେତେ ସଫଳ ହେଉଛନ୍ତି।

# ସୁଯୋଗ ଅପେକ୍ଷାରେ କରୀନା

କରୀନା ପୁଣି ସୁଯୋଗ ଅପେକ୍ଷାରେ ! ସତରେ, ଏପରି କଥାକୁ ହଜମ କରିବା ଭାରି କଷ୍ଟ। କାରଣ ବଲିଉଡ୍‌ରେ ଏଣ୍ଟ୍ରି କରିବା ପରେ କରୀନା ସଫଳତା ହାସଲ କରିଚାଲିଛନ୍ତି। ଭିନ୍ନ ଭିନ୍ନ ଭୂମିକାରେ ସେ ଦର୍ଶକଙ୍କ ସାମ୍ନାକୁ ଆସିବା ସହ ନିଜ ଅଭିନୟ ଦକ୍ଷତାର ପ୍ରମାଣ ମଧ୍ୟ ଦେଇସାରିଛନ୍ତି। ହେଲେ ଏକ ପୂର୍ଣ୍ଣାଙ୍ଗ ଆକ୍ସନଭିତ୍ତିକ ଭୂମିକାରେ ଅଭିନୟ କରିବାକୁ ମନ ବଳାଇଛନ୍ତି ସେ। ବର୍ତ୍ତମାନ ସେ ପୁଣି ଥରେ ମା' ହେବାକୁ ଯାଉଛନ୍ତି। ତଥାପି ସେ ଫିଲ୍ମ ଶୁଟିଂ ପାଇଁ ପାଦ ବଢ଼ାଇଛନ୍ତି। ଅର୍ଥାତ୍, ସେ ଅଭିନୟ କରୁଥିବା 'ଲାଲ୍ ସିଂ ଚଢ଼ା'ର ଶୁଟିଂରେ ବ୍ୟସ୍ତ ଅଛନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ କରୀନା କହନ୍ତି, 'ଏବେ ମୋତେ ବେଶ୍ ସତର୍କତା ସହ ଶୁଟିଂ କରିବାକୁ ପଡୁଛି। ଆଗକୁ ଏକ ଆକ୍ସନଭିତ୍ତିକ ଭୂମିକାରେ ବଡ ପରଦାରେ ଦେଖାଦେବାକୁ ଆଶା ରଖିଛି। ତେବେ ଏ ବିଷୟରେ କିଛି ମାସ ପରେ ନିଜକୁ ପ୍ରସ୍ତୁତ କରିବି। କାରଣ ବର୍ତ୍ତମାନ ମୁଁ ଗର୍ଭବତୀ ଅଛି। ଏକ ଭଲ ଆକ୍ସନଭିତ୍ତିକ କାହାଣୀ ସନ୍ଧାନରେ ବି ମୁଁ ଅଛି।' ତେବେ କରୀନାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।

# ରାନୀଙ୍କ ନୂଆ ଯୋଜନା

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ଦେଖୁ ଦେଖୁ ପୂରଣ ହୋଇଯାଇଥାଏ। କରୋନା ମହାମାରୀ ଯୋଗୁଁ ଓଡ଼ିଆ ସିନେମାର ଶୁଟିଂ ବନ୍ଦ ଥିଲା। ଏବେ କୋଭିଡ୍ ଗାଇଡଲାଇନ୍ ଅନୁସାରେ ଶୁଟିଂ ଆରମ୍ଭ ହୋଇଯାଇଛି। ତା'ସହ କେତେକ ନୂଆ ସିନେମାର ପ୍ରାରମ୍ଭିକ କାମ ମଧ୍ୟ ଆରମ୍ଭ ହୋଇଯାଇଛି। ଆଉ ତା' ଭିତରେ ଏବେ ଆଲବମ୍ କୁଇନ୍ ରାନୀ ପ୍ରିୟଦର୍ଶିନୀଙ୍କ ଖୁସି କହିଲେ ନ ସରେ। କାରଣ ବର୍ତ୍ତମାନ ତାଙ୍କ ହାତରେ ୨-୩ଟି ନୂଆ ଓଡ଼ିଆ ସିନେମାର ଅଫର ରହିଛି। ଏ ସମ୍ପର୍କରେ ରାଣୀ କହନ୍ତି, 'ବର୍ତ୍ତମାନ ମୋ ହାତରେ ୨-୩ଟି ଅଫର ରହିଛି ଏବଂ ସେ ସମ୍ପର୍କରେ ଭଲ ଭାବରେ ତର୍ଜମା କରିବା ପରେ ନିଷ୍ପତ୍ତି ନେବି। ଅଭିନୟ ବ୍ୟତୀତ ସମାଜସେବା ମୋର ଏକ ନିଶା। ନିକଟରେ ହୋଇଥିବା ବନ୍ୟା ସମୟରେ ବନ୍ୟାବିପନ୍ନ ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରିଥିଲି। ତା'ସହ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଥିବା ଦରିଦ୍ର ଲୋକଙ୍କୁ ସବୁବେଳେ ସହଯୋଗର ହାତ ବଢ଼ାଇଥାଏ। ତେଣୁ ଏହାକୁ ମୋ ଜୀବନର ଏକ ଅଙ୍ଗ ଭାବରେ ମୁଁ ଗ୍ରହଣ କରିନେଇଛି। ଆଗକୁ ସହ ମୋର ଏହି ଧାରା ଜାରି ରହିବ।'

# ଦୋଛକିରେ ପଡିଛନ୍ତି ତାରା

ନବାଗତା ତାରା ସୁଟାରିଆ ଏବେ ଦୋଛକିରେ ପଡିଯାଇଛନ୍ତି। କାରଣ ତାଙ୍କୁ ମିଳିଥିବା ଏକ ନୂଆ ଅଫର ତାଙ୍କର ଟେନ୍‌ସନ୍‌କୁ ବଢ଼ାଇ ଦେଇଛି। କାରଣ ଏଥିରେ ତାଙ୍କୁ ବିକିନୀ ଗେଟ୍‌ଅପ୍‌ରେ ଶଟ୍ ଦେବାକୁ ପଡିବ। ତେଣୁ ଏପରି ଅଫରକୁ ହଁ ଭରିବେ ନା ମନା କରିବେ, ସେ ନେଇ ଅଡୁଆରେ ପଡିଯାଇଛନ୍ତି। ତେଣୁ ଏଥିପାଇଁ ସେ ପ୍ରଯୋଜକଙ୍କ ନିକଟରୁ ଦୁଇ ସପ୍ତାହ ସମୟ ନେଇଛନ୍ତି। 'ଏହି ନୂଆ ସିନେମାରେ ମୋତେ ଯେଉଁ ବିକିନୀ ଶଟ୍ ପାଇଁ କୁହାଯାଇଛି ତାକୁ ନେଇ ମୁଁ ଅଡୁଆରେ ପଡିଯାଇଛି। ସେପଟେ ଦେଖିଲା ବେଳକୁ ସେହି ଶଟ୍ ସହ କାହାଣୀର ସଂଯୋଗ ରହିଛି। ପୁଣି ଏଥିରେ ମୋତେ ମିଳିଥିବା ଭୂମିକାଟି ମଧ୍ୟ ମୋତେ ପ୍ରଭାବିତ କରିଛି। ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ମୁଁ ଦୁଇ ସପ୍ତାହ ସମୟ ନେଇଛି ବୋଲି କହନ୍ତି ତାରା। ସେ ମଧ୍ୟ ମୋହିତ ସୁରୀଙ୍କ ଆଗାମୀ ଫିଲ୍ମ 'ଦୋ ଭିଲେନ୍'ରେ ଅଭିନୟ କରିବାକୁ ଯାଉଛନ୍ତି। ତା'ସହ ଏଥିରେ ସଂଯୋଜିତ ଏକ ଗୀତ ପାଇଁ ତାରା କଣ୍ଠଦାନ ମଧ୍ୟ କରିବେ। ସୂଚନାଯୋଗ୍ୟ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨' ଥିଲା ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା।



କରୀନା



ରାନୀ



ତାରା



ଅନ୍ବେଷା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## କୋଚିଂ କ୍ଲାସ୍

ଗୋଲୁ ମୁନାକୁ- ମୋର ୪୫ ଭାଇ ଭଉଣୀ।

ମୁନା- ସତ ନା କ'ଣ ? ତମ ଘରକୁ ଜନସଂଖ୍ୟା ନିୟନ୍ତ୍ରଣ ଅଧିକାରୀମାନେ ଆସି ନ ଥିଲେ ?

ଗୋଲୁ- ହଁ, ଆସିଥିଲେ। ହେଲେ ସେତେବେଳେ ଆମେ ସବୁ ବସି ପଢୁଥିଲୁ। ସେମାନେ ଆମକୁ ଦେଖି କୋଚିଂ କ୍ଲାସ୍ ଚାଲିଛି ଭାବି ଚାଲିଗଲେ।

## ଧ୍ୟାନ

ଶିକ୍ଷକ ପପୁକୁ- ଆକବର୍ କିଏ ?

ପପୁ- ମୁଁ ଜାଣିନି ସାର୍।

ଶିକ୍ଷକ- ପାଠପଢାରେ ଧ୍ୟାନ ଦେଲେ ସିନା ହେବ।

ପପୁ- ସାର୍ ଆପଣ କହିଲେ ଦେଖି ବଣ୍ଟି, ସୌରଭ କିଏ ?

ସାର୍- ମୁଁ କେମିତି ଜାଣିବି ?

ପପୁ- ଖାଲି ପଢେଇଲେ କ'ଣ ହେବ ? ଝିଅ ଉପରେ ଧ୍ୟାନ ରଖିଲେ ସିନା ଜାଣିପାରିବେ।

## ରାତ୍ରି

ଶିକ୍ଷକ- ବର୍ଷରେ କେତୋଟି ରାତ୍ରି ଥାଏ ?

ସାନୁ- ଦଶଟି।

ଶିକ୍ଷକ- କ'ଣ ବର୍ଷକରେ ମାତ୍ର ୧୦ଟି ରାତ୍ରି ?

ସାନୁ- ହଁ, ସାର୍।

ଶିକ୍ଷକ- କେମିତି ?

ସାନୁ- ନବ ରାତ୍ରିର ନଅ ରାତି ଓ ଶିବ ରାତ୍ରିର ଗୋଟିଏ ରାତି।

## ଅଦୃଶ୍ୟ ଅସୁର

**-ଡକ୍ଟର ଫକୀର ମୋହନ ନାହାକ**

ଅଜଣା ଆତଙ୍କେ ଆକ୍ରା ଆବାସ ଆବର
ଅକସ୍ମାତେ ଆସି ଗ୍ରାସେ ଅଦୃଶ୍ୟ ଅସୁର ।।
କିଭଳି ତା' ଶିର ଆଉ କିପରି ତା' ବାହୁ
କବଳିତ କରିପାରେ ସାଜି ସିଏ ରାହୁ ।।
କିଏ ବା ଦେଖିଛି ରୂପ କେମିତି ତାହାର
କାହିଁକି ସାଜିଛି ନର ଆଜି ତା' ଆହାର ।।
କେଉଁଠାରେ ଜନ୍ମ ତା'ର କେବେ ସେ ମରିବ
ତା' କ୍ରୂର ଦୃଷ୍ଟିରୁ କେବେ ମୁକ୍ତି ଯେ ମିଳିବ ।।
ଧୀରେ ଧୀରେ ଗ୍ରାସୁଅଛି ସମଗ୍ର ମେଦିନୀ
ଶ୍ୱେତାଙ୍କ, କୃଷ୍ଣାଙ୍ଗ ପୁଣି ପୀତାଙ୍ଗଙ୍କ ଭୂମି ।।
ଭେଷଜ ବିଜ୍ଞାନୀ ଏବେ ଶଙ୍କା ସଂଶୟରେ
ଅନୁଭୂତି ଅଧ୍ୟୟନ ଆସୁନି କାମରେ ।।
ବରି ଆଣ ସ୍ୱର୍ଗୁ ଯାଇ ଅଶ୍ୱିନୀ କୁମାର
ଚରକ, ଶୁଶ୍ରୁତ ଅବା ସୁଷେଣ ଆବର ।।
ତ୍ରାହି ତ୍ରାହି ଡାକେ କମ୍ପେ କୋଣ ଅନୁକୋଣ
ଅକାରଣେ ଅକାଳରେ ମରଣେ ବରଣ ।।
ଲୋଡ଼ା ଏବେ ନର ଲାଗି ନୂଆ ଗବେଷଣା
ତେବେ ଯାଇ ଥମିବ ଏ ସମସ୍ତ ଯାତନା ।।
କଟକଣା ଯେବେ ଆମେ କରିବା ପାଳନ
ଅଦୃଶ୍ୟ ଅସୁରଠାରୁ ପାଇବାରେ ପ୍ରାଣ ।।

*-ଆସୋସିଏଟ୍ ପ୍ରଫେସର, ୟୁଆଇଏମଏସ୍*
*ଚଣ୍ଡୀଗଡ଼ ୟୁନିଭରସିଟି, ମୋହାଲି, ପଞ୍ଜାବ.*
*-୯୯୩୭୨୫୨୪୬୪*

## ଅହିଂସା

**-ଧ୍ରୁବ ଚରଣ ବେହେରା**

**ଅ:**ଅନ୍ୟାୟ ଅନୀତି ପାଦେ ଦଳିଦିଅ
ରାଗ ଅଭିମାନ ହାରି
ପ୍ରତି ପ୍ରାଣେ ହସୁ ଶାନ୍ତି ଦୟା କ୍ଷମା
ହେଉ ଜୀବନର ତରୀ ।

**ହିଂ:** ହିଂସା ପ୍ରତିହିଂସା କଳଙ୍କ ଅଟଇ
ମନୁ ଦିଅ ଦୂରେ ଫିଙ୍ଗି
ମହାନତା ମନ୍ତ୍ରେ ଗଢିବା ଦୁନିଆ
ଏହାହିଁ ସଂସ୍କାର ମଞ୍ଜି ।

**ସା:**ସାମ୍ୟବାଦ ସାଥେ ଜାତୀୟ ସଂହତି
ସ୍ୱଚ୍ଛ ଗଣତନ୍ତ୍ର ନୀତି
ଆମ ସ୍ୱାଭିମାନ ଦେଶର ସମ୍ମାନ
ଏହାହିଁ ଆମ ସଂସ୍କୃତି ।।

*-କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ*
*ଝାଡଖଣ୍ଡ ,ମୋ:୮୩୨୮୯୩୦୫୫୪*

## ଆଖି



**-ମନୋଜ କୁମାର ବେହେରା**

ଅର୍ଚ୍ଚନାର ବାହାଘର ଅମିତ ସହିତ ପାଖା ପାଖି ଦଶ ବର୍ଷ ହୋଇ ଗଲାଣି । ଏହି ଦଶ ବର୍ଷରେ ଅର୍ଚ୍ଚନା ଦୁଇଟି ଛୁଆର ମାଆ ମଧ୍ୟ ହୋଇ ସାରିଲାଣି । ଛୁଆଙ୍କର ନାଁ ସେ ଆରତୀ ଆଉ ଆକାଶ ଦେଇଥିଲା । କିନ୍ତୁ ଅର୍ଚ୍ଚନା ପୁଅର ନାଁ ଜିଦ କରି ଅନୁରାଗ ଦେଇଥିଲା ଆଉ ଅମିତ ମଧ୍ୟ ମାନି ନେଇଥିଲା । ଅର୍ଚ୍ଚନା ଜୀବନରେ ଦିନେ ଭୂକମ୍ପ ଆସିଲା । ଅର୍ଚ୍ଚନାର ସୁଟକେଶ୍ ମଧ୍ୟରୁ ଜଣେ ଯୁବକର ଫଟୋ ମିଳିଥିଲା ଆଉ ତା'ର ନାଁ ଅନୁରାଗ ବୋଲି ଲେଖା ହୋଇଥିଲା । ଫଟୋରେ ଅନୁରାଗ ବହୁତ ସୁନ୍ଦର ଦେଖା ଯାଉଥିଲା । ଅର୍ଚ୍ଚନା ତା' ସ୍ୱାମୀଙ୍କୁ କହିଥିଲା ଯେ, ସୁଟକେଶରୁ ତା'ର ବାହାଘର ଶାଢିଟା ବାହାର କରି ଆଣିବାକୁ । ଯଦି ସେ ଶାଢି ଆଜି ବାହାର କରି ନ ଥାନ୍ତା ତା'ହେଲେ ସେ କେମିତି ଜାଣିଥାଆନ୍ତା ଅନୁରାଗ ବିଷୟରେ । ଅମିତ ମନେ ମନେ ବହୁତ ରାଗିଥିଲା । ହେଲେ କ'ଣ କରିବ କିଛି ଭାବି ପାରୁ ନ ଥିଲା । ପୁଣି କିଛି ଭାବି ଶାଢି ଆଉ ଅନୁରାଗର ଫଟୋକୁ ଆଣି ସେ ଅର୍ଚ୍ଚନା ହାତରେ ଧରେଇ ଦେଲା । ଆଉ କହିଲା, 'ମୁଁ ତ ତୁମର ଏହି ବନ୍ଧୁଙ୍କୁ ଏପର୍ଯ୍ୟନ୍ତ ଦେଖି ନ ଥିଲି ।'

ଦେଖିବ ବା' କେମିତି ? ଅର୍ଚ୍ଚନା ମନ ଦୁଃଖରେ କହିଲା । ଏହି ଫଟୋ ତଳେ ଗୋଟିଏ ପୁରୁଣା ଖବରକାଗଜ ଥିଲା ତାକୁ ନେଇ କରି ଆସ ..

ଅମିତ ଏହା ଶୁଣି, ପୁଣି ଗଲା ଖବରକାଗଜ ଆଣିବାକୁ । ଦେଖିଲା ସତରେ ପୁରୁଣା ଖବରକାଗଜଟିଏ ଅଛି। ଗୋଟେ ପରେ ଗୋଟେ ପୃଷ୍ଠା ଓଲଟେଇ ଚାଲିଲା। ଆଉ ଅର୍ଚ୍ଚନା ଆସି ଗୋଟିଏ ଜାଗାରେ ହାତ ରଖି କହିଲା ଏହାକୁ ପଢ ? ଖବର ଅନୁସାରେ ଦୁର୍ଘଟଣାରେ ମରି ଯାଇଥିବା ଅନୁରାଗର ଆଖି ଅର୍ଚ୍ଚନାର ଆଖିରେ ଲଗା ଯାଇଥିଲା । କାହିଁକି ନା ଅର୍ଚ୍ଚନା ଯେତେବେଳେ ଚାରି ବର୍ଷର ଥିଲା ସେତେବେଳେ ସେ ତା'ର ଦୃଷ୍ଟିଶକ୍ତି ହରେଇ ଦେଇଥିଲା ।

ଖବର ପଢି ସାରି ଅମିତର ମନ ଆତ୍ମଗ୍ଲାନିରେ ଭରି ଗଲା । ନିଜର ଆଖି ଠିକ୍ ଥିବା ସତ୍ତ୍ୱେ ସେ ଅନୁରାଗର ଫଟୋ ଦେଖି କିଛି ସମୟ ପୂରା ଅନ୍ଧ ହୋଇ ଯାଇଥିଲା ।

*-୨୧୭,ୟୁନିଟ-୯(ଫ୍ଲାଟ),ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨, ଫୋନ-୭୯୭୮୮୩୦୬୧୧*









ବ୍ୟାକ୍ ପେଜ୍



# ଅନ୍ଧାରରେ ଚମକେ ଏହି ବଡିପେଣ୍ଟିଂ

ଜିନ ପପଲ୍‌ଟନ୍ ଜଣେ ଚିତ୍ରକର ସହ ଫଟୋଗ୍ରାଫର୍ ମଧ୍ୟ। ଦୀର୍ଘ ୨୦ ବର୍ଷ ହେବ ସେ ୱେଡିଂ ଓ ପୋର୍ଟ୍ରେଟ୍ ଫଟୋଗ୍ରାଫୀ କରିଛନ୍ତି। ସେ ସବୁବେଳେ ଚାହୁଁଥିଲେ ତାଙ୍କ ପେଣ୍ଟିଂ ଜୀବନ୍ତ ଲାଗୁ। ତେବେ ଦିନେ ଏହାକୁ ବାସ୍ତବ କରିବାର ଏକ ଉପାୟ ତାଙ୍କୁ ଜୁଟିଥିଲା। ସେ ଅନ୍ଧକାର ଷ୍ଟୁଡିଓରେ ଜଣେ ମହିଳାଙ୍କ ଶରୀରରେ ୟୁଭି ପେଣ୍ଟରେ ପେଣ୍ଟ କରି ଫଟୋ ଉଠାଇଥିଲେ। ଆଉ ବ୍ଲାକ୍ ଲାଇଟ୍‌ରେ ସେହି ପେଣ୍ଟିଂରୁ ଚମକ୍ ବାହାରିଥିଲା। ଫଟୋଗୁଡିକ ଅତ୍ୟନ୍ତ ଆକର୍ଷକ ଓ ଜୀବନ୍ତ ଲାଗିବାକୁ ଲାଗିଲା। ଶରୀରରେ ପେଣ୍ଟିଂ କରିବାକୁ ତାଙ୍କୁ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ। ଆଫ୍ରିକାର ସାଭାନ୍ନାରୁ ଆରମ୍ଭ କରି ଭୟଙ୍କର ବିଜୁଳିର ପେଣ୍ଟିଂ ସେ ଶରୀରରେ କରିଛନ୍ତି। ତେବେ ତାଙ୍କୁ ଲାଗେ ନାରୀର ଶରୀରରେ ଏହି ପେଣ୍ଟିଂ କଲେ ତାହା ବେଶ୍ ବାସ୍ତବ ଲାଗିଥାଏ। ତେଣୁ ତାଙ୍କର ଅଧିକାଂଶ ପେଣ୍ଟିଂ ସେ ମହିଳାଙ୍କ ଶରୀରରେ କରିଥାଆନ୍ତି। ଆଉ ସବୁ ପେଣ୍ଟିଂ ସେ ୟୁଭି ପେଣ୍ଟରେ କରନ୍ତି, ଯେମିତିକି ସେଗୁଡିକ ଉପରେ ବ୍ଲାକ୍ ଲାଇଟ୍ ପଡିଲେ ସେଥିରୁ ଚମକ୍ ବାହାରିବ।

## କାର୍ଟୁନ କର୍ନର

